ମହମୁଦୁଲ୍ ହସନ୍

*ବନାମ*

ଭାରତ ସଂଘ ଏବଂ ଅନ୍ୟମାନେ

(ଆଜ୍ଞାଦେଶ ଆବେଦନ (ଫୌଜଦାରୀ) ସଂଖ୍ୟା 109/2010)

08 ଅକ୍ଟୋବର, 2010

**[ମାର୍କଣ୍ଡେୟ କାଟଜୁ ଏବଂ ଟି. ଏସ୍. ଠାକୁର, ନ୍ୟାୟମୂର୍ତ୍ତିଦ୍ୱୟ]**


*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 32 ଏବଂ 161 - ବିଦେଶୀ ଅଧିନିୟମ ଅନୁଯାୟୀ ପାରିତ ଆଦେଶକୁ, ଯେଉଁଥିରେ ଜଣେ ବାଂଲାଦେଶ ନାଗରିକଙ୍କୁ ବେଆଇନ ଭାବରେ ଭାରତରେ ପ୍ରବେଶ ପାଇଁ ଦଣ୍ଡିତ କରାଯାଇଥିଲା, ଆପତ୍ତି କରି ଆଜ୍ଞାଦେଶ ଆବେଦନ - ନିର୍ଣ୍ଣୟ କରାଯାଇଥିଲା: ନ୍ୟାୟିକ ପକ୍ଷରେ ଆବେଦନକାରୀଙ୍କର ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାର ଅଧିକାର ରହିଛି - ସେ Cr.P.C ର ଧାରା 432 ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ କର୍ତ୍ତୃପକ୍ଷଙ୍କ କିମ୍ବା ସମ୍ବିଧାନର ଅନୁଚ୍ଛେଦ 161 ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇପାରିବେ - ନ୍ୟାୟିକ ଅଦାଲତ ହୋଇଥିବାରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏପରି କୌଣସି କ୍ଷମତା ନାହିଁ - ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି - ବିଦେଶୀ ଅଧିନିୟମ, 1946 - ଦେୱାନୀ ପ୍ରକ୍ରିୟା ସଂହିତା, 1973 - ଧାରା 432*

ଫୌଜଦାରୀ ମୂଳ ଅଧିକାରିତା: ଆଜ୍ଞାଦେଶ ଆବେଦନ (ଫୌଜଦାରୀ) ସଂଖ୍ୟା 109/2010

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ ଶାନ୍ତି ରଞ୍ଜନ ଦାସ (ସରଳା ଚନ୍ଦ୍ରଙ୍କ ପାଇଁ) ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

## ଆଦେଶ

ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଲୁ ।

ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବିଭିନ୍ନ ନିବେଦନ କରୁଥିବା ଏହା ଏକ ଆବେଦନ ଅଟେ ।

ଆବେଦନକାରୀ, ଯିଏ ଜଣେ ବାଂଲାଦେଶ ନାଗରିକ ଅଟନ୍ତି, ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବାରୁ ପଶ୍ଚିମବଙ୍ଗର ବାଲୁରଘାଟସ୍ଥିତ ଦକ୍ଷିଣ ଦିନାଜପୁରର ଅତିରିକ୍ତ ଦୌରା ବିଚାରପତିଙ୍କ ଦ୍ୱାରା ବିଦେଶୀ ଅଧିନିୟମ ଅନୁଯାୟୀ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି ଏବଂ ତାଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦଶ ହଜାର ଟଙ୍କା ଜୋରିମାନା ଦେବାକୁ ଦଣ୍ଡାଦେଶ ପ୍ରଦାନ କରାଯାଇଛି ।

ଆମ ମତରେ, ଯଦି ସେହି ରାୟ ବିରୋଧରେ ଆବେଦନକାରୀଙ୍କର କୌଣସି ଅଭିଯୋଗ ରହିଛି, ତେବେ ନ୍ୟାୟିକ ପକ୍ଷରେ ତାଙ୍କର ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାର ଅଧିକାର ଅଛି । ସେ Cr.P.C ର ଧାରା 432 ଅନୁଯାୟୀ ସମ୍ପୃକ୍ତ କାର୍ଯ୍ୟ ନିର୍ବାହୀ କର୍ତ୍ତୃପକ୍ଷଙ୍କ କିମ୍ବା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 161 ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇପାରିବେ । ଏହା ଏକ ନ୍ୟାୟିକ ଅଦାଲତ ଏବଂ ତେଣୁ ଏହି ନ୍ୟାୟାଳୟର କୌଣସି କ୍ଷମତା ନାହିଁ ଯାହା Cr.P.C ର ଧାରା 432 ଅନୁଯାୟୀ କାର୍ଯ୍ୟ ନିର୍ବାହକଙ୍କ କିମ୍ବା ସମ୍ବିଧାନର ଅନୁଚ୍ଛେଦ 161 ଅନୁଯାୟୀ ରାଜ୍ୟପାଳଙ୍କ ପାଖରେ ରହିଛି ।

ଏହି ପର୍ଯ୍ୟବେକ୍ଷଣଗୁଡ଼ିକ ସହ, ଆଜ୍ଞାଦେଶ ଆବେଦନ ଖାରଜ କରାଗଲା ।

ଆର୍. ପି. ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ